ସକାଳ
THE SAKALA



# ପୋତି ହୋଇଗଲାଣି କେନାଲ; ଚାଷ ଜମିକୁ ପହଞ୍ଚୁନି ପାଣି

## ବିନା ଜଳସେଚନରେ ଜଳକର ଆଦାୟ ନେଇ ଚାଷୀଙ୍କ ଅସନ୍ତୋଷ

ନିଶ୍ଚିନ୍ତକୋଇଲି, ୧୧।୪(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ନୂଆଗାଁ ମଧ୍ୟ ଦେଇ ଯାଇଥିବା ଏକ ଶାଖା କେନାଲ ଦୀର୍ଘ ବର୍ଷ ହେବ ପୋତି ହୋଇଯାଇଛି। ଜଳସେଚନ ବିଭାଗ ପକ୍ଷରୁ ଏହି କେନାଲକୁ ଖୋଳାଯାଉ ନାହିଁ କି ସଫେଇ କରାଯାଉନାହିଁ। ଫଳରେ ଏହି କେନାଲରେ ପାଣି ଶେଷ ମୁଣ୍ଡ ପର୍ଯ୍ୟନ୍ତ ନ ଯିବାରୁ ଶହ ଶହ ହେକ୍ଟର ଚାଷ ଜମିରେ ଜଳସେଚିତ ହୋଇପାରୁନାହିଁ। ଜଳସେଚନ ପାଇଁ ଏହି କେନାଲ ଉପରେ ନିର୍ଭର କରୁଥିବା ଚାଷୀମାନେ ହଇରାଣ ହରକତ ହେବାରୁ ନିଜେ ଖର୍ଚ୍ଚ କରି ବୋରିଂ ଖୋଳି ଏବଂ ବର୍ଷା ଜଳ ଉପରେ ନିର୍ଭର କରି ଧାନ ଚାଷ କରୁଛନ୍ତି। ଯାହାଦ୍ୱାରା ପାଣିର ଅଭାବରୁ ସଠିକ୍ ଭାବେ ଫସଲ ଅମଳ ହେଉ ନଥିବାରୁ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଜମିକୁ ଜଳସେଚନ ହେଉନଥିବା ବେଳେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ଚାଷୀମାନଙ୍କଠାରୁ ରୀତିମତ ଜଳକର ଓ ଖଜଣା ଆଦାୟ କରାଯାଉଥିବା ବହୁ ଚାଷୀ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। କେନାଲରେ ପାଣି





ଯାଉନଥିବା ସଂକ୍ରାନ୍ତରେ ଅନେକ ଥର ଜଳସେଚନ ବିଭାଗ ଓ ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାର ଚାଷୀମାନଙ୍କର ଚାଷ ଜମିକୁ ଜଳସେଚିତ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କେନାଲ ଗୁଡିକୁ ଖୋଳି କଂକ୍ରିଟ ଲାଇନିଂ କାର୍ଯ୍ୟ କରାଉଛନ୍ତି। ହେଲେ ଏହି କେନାଲକୁ ଅଦ୍ୟାବଧି କ'ଣ ପାଇଁ କଂକ୍ରିଟ ଲାଇନିଂ କାର୍ଯ୍ୟ କରାଯାଉନାହିଁ ସେ ନେଇ ଚାଷୀ ମହଲରେ ପ୍ରଶ୍ନ ଉଠିଛି। ଛତା ଜଳସେଚନ ଡିଭିଜନ ଅନ୍ତର୍ଗତ ଅସୁରେଶ୍ୱର ପୁବଂଶ ସେକ୍ସନ ଅଧିନରେ ଥିବା ୯(ଇ) ଶାଖା କେନାଲ ବ୍ରଜରାଜ ପାଟଣାରୁ ବାହାରି ନୂଆଗାଁ ପର୍ଯ୍ୟନ୍ତ ଯାଇଛି। ଏହି ଶାଖା କେନାଲଟି କଟିକଟା ବଜାର ପାଖରୁ ନୂଆଗାଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପୋତି ହୋଇ ଯାଇଥିବାରୁ ଏହା ମଧ୍ୟ ଦେଇ ପାଣି ଯାଇ ପାରୁନାହିଁ। ଫଳରେ ଏହି କେନାଲ ଉପରେ ଜଳସେଚନ ପାଇଁ ନିର୍ଭର କରୁଥିବା ନୁଆଗାଁ, କଟିକଟା, ପଶ୍ଚିମଖଣ୍ଡଭୋଳ, ରାମରାଙ୍ଗ, ପାଟସାଇଲେ ଆଦି ଗ୍ରାମର ଶହ ଶହ ଚାଷୀ ଚାଷ କାର୍ଯ୍ୟ ପାଇଁ ସମସ୍ୟାରେ ପଡ଼ିଛନ୍ତି। ଯାହାଦ୍ୱାରା ସେମାନଙ୍କର ଶହ ଶହ ହେକ୍ଟର ଚାଷ ଜମିରେ ସଠିକ୍ ଭାବେ ଖରିଫ ଓ ରବି ଫସଲ ହୋଇ ପାରୁନାହିଁ। ଉକ୍ତ କେନାଲଟିକୁ ଭଲ ଭାବରେ ଖୋଳି ତାହାକୁ କଂକ୍ରିଟ ଲାଇନିଂ କରିଦେଲେ ଚାଷ ଜମିଗୁଡିକୁ ସହଜରେ ଜଳସେଚନ ହୋଇ ପାରିବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲା ବେଳେ ବିଭାଗୀୟ ଅଧିକାରୀ ଏହା ଉପରେ ଗୁରୁତ୍ୱ ଦେଉ ନଥିବାରୁ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ତୁରନ୍ତ ଉକ୍ତ କେନାଲକୁ କଂକ୍ରିଟ ଲାଇନିଂ କରିବା ପାଇଁ ଚାଷୀ ଭାଗ୍ୟଧର ଭୂୟାଁ, ପୁରସ୍ତମ ସାହୁ, ସଚ୍ଚିଦାନନ୍ଦ ମିଶ୍ର, ଚୌଧୁରୀ ଅକ୍ଷୟ ମିଶ୍ର, ଶରତ ସାହୁ, ପ୍ରଫୁଲ୍ଲ ମହାନ୍ତି, ଦେବୀପ୍ରସାଦ ମହାରଣା, ବ୍ରଜକିଶୋର ମିଶ୍ର ପ୍ରମୁଖ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି। ଏହାସହ ଏହି କାର୍ଯ୍ୟ ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ ମଧ୍ୟ ଦାବି ଜଣାଇଛନ୍ତି।

## ମହିଳାଙ୍କୁ ଆକ୍ରମଣ ଘଟଣା: ହାତ ବାନ୍ଧି ବସିଛି ପୁଲିସ

ଭଦ୍ରେଶ୍ୱର, ୧୧।୪(ସମିସ): ମାହାଙ୍ଗା ବ୍ଲକ କୁରୁଜଙ୍ଗା ଗ୍ରାମପଞ୍ଚାୟତ ସବଳକଣା ଗ୍ରାମରେ ମହିଳାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଓ ଜାତିଆଣ ଆକ୍ଷେପ ଘଟଣାରେ ଭଦ୍ରେଶ୍ୱର ଥାନା ପୁଲିସ ମାମଲା ରୁଜୁ କରି ହାତବାନ୍ଧି ବସିଥିବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ପାରି ନଥିବା କାରଣରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି, କୁରୁଜଙ୍ଗା ସବଳକଣା ଗ୍ରାମର ଧ୍ରୁବଚରଣ ଦାସ ଘରେ ଅନୁପସ୍ଥିତ ଥିବା ସମୟରେ ପଡ଼ୋଶୀ ଧରଣୀଧର ଦାସ ଜବରଦସ୍ତ ଧ୍ରୁବଙ୍କ ଜମି ଉପରେ ପାଇଖାନା ନିର୍ମାଣ ନିମନ୍ତେ ମାଟି ଖୋଳୁଥିଲେ। ଏହି ଘଟଣା ଦେଖି ଧ୍ରୁବଙ୍କ ପତ୍ନୀ ସ୍ମିତା ଦାସ ବାରଣ କରିବା ସହ ପ୍ରତିବାଦ କରିଥିଲେ। ଏଥିରେ ପ୍ରତିହିଂସାପରାୟଣ ହୋଇ ଧରଣୀଧର ଦାସ ତାଙ୍କର ପତ୍ନୀ ଆଶାକର୍ମୀ ସୁଷମା ଦାସ ଓ ଝିଅ ସୁଜାତା ଦାସ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରିକି ସ୍ମିତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସ୍ମିତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ସ୍ମିତା ଭଦ୍ରେଶ୍ୱର ଥାନାରେ ଗତ ମାର୍ଚ୍ଚ ୧୨ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଭଦ୍ରେଶ୍ୱର ଥାନା ପୁଲିସ ଘଟଣାର ତଦନ୍ତ କରିଥିଲା। ଇତିମଧ୍ୟରେ ୧ ମାସ ବିତିବାକୁ ବସିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନଥିବାର ସ୍ମିତା ଅଭିଯୋଗ କରିଛନ୍ତି।

## ହାଇଦ୍ରାବାଦରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା



ନିଶ୍ଚିନ୍ତକୋଇଲି, ୧୧।୪(ସମିସ): ନିଶ୍ଚିନ୍ତକୋଇଲି ଥାନା ନତକାଇ ପଞ୍ଚାୟତ ଛଦାବଜାର ନିକଟ ଉପେନ୍ଦ୍ର ବେହେରାଙ୍କ ମଧ୍ୟମ ପୁତ୍ର ପ୍ରଦୀପକୁମାର ବେହେରା(୩୫) ସୁଦୂର ହାଇଦ୍ରାବାଦରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସେ ଗତ ୮ ବର୍ଷ ହେବ ହାଇଦ୍ରାବାଦସ୍ଥିତ ମାଇକ୍ରୋ କମ୍ପାନୀରେ କାର୍ଯ୍ୟ କରୁଥିଲେ। ୪ ବର୍ଷ ତଳେ ତାଙ୍କ ବିବାହ ହୋଇଥିଲେ ମଧ୍ୟ ତାଙ୍କର ପତ୍ନୀ ଗାଁ ରହୁଥିବା ବେଳେ ସେ ହାଇଦ୍ରାବାଦରେ ରହୁଥିଲେ। ଗତ ଶୁକ୍ରବାର ରାତିରେ ନିଜ ଶୋଇବା ଘର ପଙ୍ଖାରେ ଗାମୁଛା ଲଗାଇ ଝୁଲିଯାଇ ଆତ୍ମହତ୍ୟା କରିଥିବା ଖବର ପରିବାର ଲୋକଙ୍କୁ ଦିଆଯାଇଥିଲା। ଶବ ବ୍ୟବଚ୍ଛେଦ ପରେ କଂପାନୀ ପକ୍ଷରୁ ହାଇଦ୍ରାବାଦରୁ ତାଙ୍କ ଜନ୍ମସ୍ଥାନକୁ ଅଣାଯିବ ବୋଲି ଜଣାଯାଇଛି। ହଠାତ୍ ପୁଅର ଏଭଳି ମୃତ୍ୟୁକୁ ନେଇ ପରିବାର ଲୋକେ ହତବାକ୍ ହୋଇଛନ୍ତି। ପ୍ରକୃତରେ ତାଙ୍କ ପୁଅକୁ କିଏ ହତ୍ୟା କରିଛି ନା ନିଜେ ଆତ୍ମହତ୍ୟା କରିଛନ୍ତି ସେନେଇ ତାଙ୍କ ମନରେ ପ୍ରଶ୍ନ ଉଠିଥିଲେ ମଧ୍ୟ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାଯାଇଛି।

## ପ୍ରସନ୍ନ ଶତପଥୀଙ୍କ ବିୟୋଗ



ନିଶ୍ଚିନ୍ତକୋଇଲି, ୧୧।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ଜମରା ଗ୍ରାମର ଜଣେ ସ୍ୱନାମଧନ୍ୟ ରୋଷେୟା ବରଦା ପ୍ରସନ୍ନ ଶତପଥୀ (୬୫)ଙ୍କ ହୃଦଘାତଜନିତ ପରଲୋକ ହୋଇଛି। କିଛି ଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ବିଭିନ୍ନ ପର୍ବପର୍ବାଣୀ, ବିବାହ, ବ୍ରତଭୋଜିରେ ସେ ରୋଷେୟା ଭାବେ ବେଶ୍ ପରିଚିତ ଥିଲେ। ଶୋକାକୁଳ ପରିବେଶରେ ତାଙ୍କ ମରଶରୀରକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଛି। ଜ୍ୟେଷ୍ଠପୁତ୍ର ଲଲାଟେନ୍ଦୁ ମୁଖାଗ୍ନି ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସରପଞ୍ଚ ରମାକାନ୍ତ ମହାନ୍ତି ଶୋକ ବ୍ୟକ୍ତ କରିଛନ୍ତି।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା; ୨ ଚାଳକ ଗୁରୁତର



- ଡିଭାଇଡର ଡେଇଁ ଅପର ପାର୍ଶ୍ୱକୁ ଯାଇ ଧକ୍କା ଦେଇଥିଲା ଏକ ଟ୍ରକ୍
- ଦୀର୍ଘ ସମୟ ଟ୍ରାଫିକ ଜାମ୍

କଟକ, ୧୧।୪(ସମିସ): ୧୬ ନମ୍ବର ଜାତୀୟ ରାଜପଥର ଭାଣପୁର ନିକଟରେ ଏକ ଦୁର୍ଘଟଣାରେ ଦୁଇଟି ଟ୍ରକ ଭାଙ୍ଗି ଚୂରମାର ହୋଇଥିବା ବେଳେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ରାତି ପ୍ରାୟ ଦୁଇଟା ସମୟରେ ଭୁବନେଶ୍ୱର ଦିଗରୁ ଗୋଟେ ୧୨ଚକିଆ ଖାଲି ଟ୍ରକ (ଓଡି ୦୫ ଏଲ୭୮୯୨) ଦ୍ରୁତ ଗତିରେ ଆସୁଥିବା ବେଳେ ଭାଣପୁର ନିକଟରେ ଭାରସାମ୍ୟ ହରାଇ ମଝି ରାସ୍ତାର ଡିଭାଇଡ଼ରରେ ପିଟି ହୋଇ ରାସ୍ତାର ଅପର ପାର୍ଶ୍ୱକୁ ଆସିଯାଇଥିଲା। ଏହି ସମୟରେ କଟକ ପଟୁ ଭୁବନେଶ୍ୱର ଆଡକୁ ଯାଉଥିବା ଏକ ପିକଅପ ଗାଡିକୁ ପ୍ରଥମେ ଟ୍ରକଟି ଧକ୍କା ଦେଇଥିଲା। ପରେ ସେହି ଦିଗରୁ ଆସୁଥିବା ଅନ୍ୟଏକ ସିମେଣ୍ଟ ବୋଝେଇ ଟ୍ରକ (ଓଆର୦୫ ଏଆର ୦୩୭୫) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଦୁଇ ଟ୍ରକର ଡ୍ରାଇଭର ଟ୍ରକ ମଧ୍ୟରେ ଚାପି ହୋଇ ରହିଥିଲେ। ଖବର ପାଇ କଟକ ସଦର ଥାନା ପୁଲିସ ଓ ଜାତୀୟ ରାଜପଥ ଟ୍ରାଫିକ ପୁଲିସ ଓ ଅଗ୍ନିଶମ ବିଭାଗକ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ଗାଡିର କେବିନକୁ କାଟି ଦୁଇ ଟ୍ରକର ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ତିନୋଟି ଗଡ଼ିକୁ କ୍ରେନ ସାହାଯ୍ୟରେ ରାସ୍ତାରୁ ହଟାଇ ଜବତ କରି ତଦନ୍ତ ଚଳାଇଛି। ଏହି ଦୁର୍ଘଟଣାରେ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ହଜାର ହଜାର ସଂଖ୍ୟାରେ ଗାଡିସବୁ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହିଥିଲେ।

## ପାଇକସାହି ଚୈତ୍ର ମହୋତ୍ସବ ଉଦ୍‌ଘାଟିତ

କଟକ, ୧୧।୪(ସମିସ): କଟକ ସଦର ଥାନା ପାଇକସହିଠାରେ ଥିବା ଖେଳପଡ଼ିଆରେ ଆସନ୍ତା ଚୈତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପରିଷଦ ସଦସ୍ୟା ଲିଳିତା ଦାସ, କର୍ପୋରେଟର ରବିନାରାୟଣ ସାହୁ, ଲିପ୍ସା ନାୟକ, ସଭାପତି କୁଶ ସାହୁ, ସମ୍ପାଦକ ଭୈରବଚନ୍ଦ୍ର ବେହେରା, ଅବିନାଶ କୁମାର ବେହେରା, ସୌମ୍ୟରଞ୍ଜନ ବେହେରା, ଜଗନ୍ନାଥ ପ୍ରସାଦ ବେହେରା, ହରେକୃଷ୍ଣ ବେହେରା, ଅଶୋକ ଦଳାଇ, ରାଜମୋହନ ସାହୁ, ସନ୍ତୋଷ ସାହୁ, ସାରଦା ପ୍ରସାଦ ବେହେରା, ସୂର୍ଯ୍ୟମଣି ବେହେରା, ଦେବେନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ବେହେରା, ବିଜୟ ବେହେରା, ତ୍ରିଲୋଚନ ବେହେରା, ଟିକମ ବେହେରା, ଅଜୟ ବେହେରା, ନିଲୁରାମ ବେହେରା, ହୃଷୀକେଶ ବେହେରା ଯୋଗ ଦେଇଥିଲେ।



## ସହକାରୀ ଯନ୍ତ୍ରୀ ଲାଞ୍ଚ ମାଗିବା ନେଇ ୱାର୍ଡସଭ୍ୟଙ୍କ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୧୧।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବାଲିଆପଦା ପଞ୍ଚାୟତ ୧୦ନଂ ୱାର୍ଡସଭ୍ୟ ଦିବାକର ପତିହାରୀଙ୍କୁ ଏକ ଫାଇଲରେ ଦସ୍ତଖତ କରିବା ପାଇଁ ୩୦ହଜାର ଟଙ୍କା ମାଗିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୩୦ତାରିଖରୁ ସମ୍ପୃକ୍ତ ୱାର୍ଡସଭ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଏ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାଯାଇଛି। ପୁଲିସର ଏଭଳି କୋହଳ ମନୋଭାବ ନେଇ ସାଧାରଣରେ ଆଲୋଚନା ହେଉଛି। ତେବେ, ଏ ସଂକ୍ରାନ୍ତରେ ମାମଲା ରୁଜୁ ହୋଇ ନଥିବା ଏବଂ କେବଳ ବିଡିଓଙ୍କ ଆଲୋଚନା କରଯାଇଥିବା ନେଇ ଥାନାଧିକାରୀ ଅନିତା ସାହୁ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ବାଲିଆପଦା ପଞ୍ଚାୟତ ତେନ୍ତଲପୁର ଗ୍ରାମ ୧୦ ନମ୍ବର ୱାର୍ଡରେ ୨ଲକ୍ଷ ୪୩ ହଜାର ଟଙ୍କାର ଗ୍ରାମ ପଞ୍ଚାୟତ ଅନୁଦାନରେ ଦୁଇଟି ଢଳେଇ ରାସ୍ତା କରାଯିବା ପାଇଁ ପଞ୍ଚାୟତର ପିଇଓ ଏବଂ କନିଷ୍ଠ ଯନ୍ତ୍ରୀ ସମ୍ପୃକ୍ତ ୱାର୍ଡସଭ୍ୟ ଦିବାକରଙ୍କୁ କହିଥିଲେ। ବିଭାଗୀୟ ନାମରେ କାର୍ଯ୍ୟାଦେଶ ରହିଥିଲେ ମଧ୍ୟ ସମ୍ପୃକ୍ତ ୱାର୍ଡସଭ୍ୟ ଏହି ଦୁଇଟି ଢଳେଇ ରାସ୍ତା କାର୍ଯ୍ୟ କରିଥିଲେ। ରାସ୍ତା କାର୍ଯ୍ୟ ଶେଷ ହେବାର ୪୫ ଦିନରୁ ଅଧିକ ହୋଇଯାଇଥିଲେ ମଧ୍ୟ ବ୍ଲକର ଯନ୍ତ୍ରୀ ଏହାକୁ ବିଲ୍ କରି ନଥିଲେ। ପରବର୍ତ୍ତୀ ସମୟରେ କନିଷ୍ଠ ଯନ୍ତ୍ରୀ ଉକ୍ତ ରାସ୍ତାର ବିଲ୍ କରି ଫାଇଲ ଦସ୍ତଖତ ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପାଖକୁ ପଠାଇଥିଲେ। ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଣକ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ଫାଇଲରେ ଦସ୍ତଖତ ନକରି ବହୁଥର ୱାର୍ଡ ସଭ୍ୟଙ୍କୁ କାର୍ଯ୍ୟାଳୟକୁ ଦୌଡାଇଥିଲେ। ବାରମ୍ବାର ଅନୁରୋଧ କରିବାରୁ ୩୦ହଜାର ଟଙ୍କା ଦେଲେ ଫାଇଲରେ ଦସ୍ତଖତ ହେବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଜଣକ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିଲା।

## ନଖପଡ଼ା ରାମଲୀଳା ଅନୁଷ୍ଠାନର ଅଭିଷେକ



ନରସିଂହପୁର, ୧୧।୪(ସମିସ): ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତର ନଖପଡ଼ା ଗ୍ରାମରେ ରାମଲୀଳା ଅନୁଷ୍ଠାନ ପକ୍ଷରୁ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ସଭାପତି ବୈକୁଣ୍ଠ ଅମାନ୍ତ, ନେପାଳଚନ୍ଦ୍ର ସାହୁ, ଗଣେଶ ସାହୁ, ଜନାର୍ଦ୍ଦନ ଓଝା, ଗୋପବନ୍ଧୁ ବାରିକ, ମଙ୍ଗୁଲୁ ଚରଣ ସାହୁ, ବାବି ଦେହୁରୀ, ଅନୁ ଦେହୁରୀ, ରାଜା ଓଝା ପ୍ରମୁଖ ନାଟ୍ୟସ୍ଥଳରୁ ବାହାରି ଗ୍ରାମ ପରିକ୍ରମା କରିବା ସହ ଅଭିଷେକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

## ଚୋରା ହାର୍ଡ୍‌କୋକ୍ ବୋଝେଇ ଟ୍ରକ୍ ଜବତ; ଦୁଇ ଗିରଫ



ଟାଙ୍ଗୀ, ୧୧।୪(ସମିସ): ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ନିଗୁଣ୍ଡି ଓ ମଙ୍ଗୁଳି ଅଞ୍ଚଳରେ ଚୋରା ହାଡ୍‌କୋକ୍ କାରବାର ବୃଦ୍ଧି ପାଇଥିବାବେଳେ ଟାଙ୍ଗୀ ପୁଲିସ ଚଢ଼ଉ କରି ଏକ ଚୋରା କୋକ୍ ବୋଝେଇ ଟ୍ରକ ଶନିବାର ଜବତ କରିଛି। ଏନେଇ ଏକ ମାମଲା ରୁଜୁକରାଯାଇ ଟାଙ୍ଗୀ ପୁଲିସ ଟ୍ରକ ଚାଳକ ହରିଦ୍ୱାର ଅଞ୍ଚଳର ମହମ୍ମଦ ୱକିଲ(୩୮) ଓ ସହାୟକ ଅତିବୁର ରେହମାନ(୨୩)ଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରିଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ପ୍ରଶାନ୍ତ ବେହେରା ସୂଚନା ଦେଇଛନ୍ତି।

## କଡ଼େଇରେ କୈବର୍ତ୍ତ ପରିବାରର ବାର୍ଷିକ ଉତ୍ସବ



ଟାଙ୍ଗୀ, ୧୧।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଝାଡେଶ୍ୱର କଡ଼େଇ ଗ୍ରାମର ଦଧିବାମନଜୀଉ ମନ୍ଦିର ସମ୍ମୁଖରେ କୈବର୍ତ୍ତ ପରିବାର ପକ୍ଷରୁ ଚଇତାଳି ପର୍ବର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଗବତୀ ଚଉଦ ପ୍ରଗଣା କୈବର୍ତ୍ତ ମହାସଂଘ ସଭାପତି ନିରଞ୍ଜନ ବେହେରା, ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ସଦସ୍ୟ ଡମ୍ବରୁଧର ବେହେରା, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ବିଚିତ୍ରାନନ୍ଦ ଦାସ, ଅର୍ଜନ ଚରଣ ଦାସ ବେହେରା ଓ କ୍ଷେତ୍ରବାସୀ ସାହୁ ପ୍ରମୁଖ ଘୋଡ଼ାନାଚ ବିଶାରଦ ସ୍ୱର୍ଗତ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ଘୋଡ଼ାନାଚ ଅନୁଷ୍ଠିତ ହୋଇଥିଲା। ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଜାତମୁଣ୍ଡିଆ ପୋଲରେ ଓଲଟିଲା ଗୋରୁ ବୋଝେଇ ଭ୍ୟାନ୍



ବାଙ୍କି, ୧୧।୪(ସମିସ): ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଜାତମୁଣ୍ଡିଆ ବ୍ରିଜ ଉପରେ ଏକ ଗୋରୁ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏକ ଗୋରୁ ବୋଝେଇ ପିକଅପ୍ ଗାଡି ଦ୍ରୁତ ଗତିରେ ଜାତମଣ୍ଡିଆ ପଟୁ ତିଗିରିଆ ଆଡ଼କୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଉକ୍ତ ପୋଲ ମଝିରେ ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେହି ରାସ୍ତାରେ ପୁଣି ଆଉ ୨ଟି ଗୋରୁ ବୋଝେଇ ଗାଡିଆସୁଥିବା ବେଳେ ବଜରଙ୍ଗ ଦଳ କର୍ମୀମାନେ ପିଛା କରି ବ୍ରିଜ ଉପରେ ଅଟକାଇଥିଲେ। ଏହାପରେ ପୁଲିସ ପହଞ୍ଚି ପିକ୍ଅପ ଭ୍ୟାନଗୁଡ଼ିକୁ ଜବତ କରିଥିଲା। ୩ଟି ଗାଡିରୁ ୩୫ଟି ଗୋରୁ ଉଦ୍ଧାର କରାଯାଇଛି।

## ଦୁଇ ଯାତ୍ରୀବାହୀ ବସ୍ ମଧ୍ୟରେ ଧକ୍କା; ୧୦ ଆହତ





କଟକ, ୧୧।୪(ସମିସ): ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟରେ ଆଜି ସକାଳେ ଦୁଇଟି ଘରୋଇ ବସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ଉଭୟ ବସ୍‌ରେ ଥିବା ୫୦ରୁ ଅଧିକ ଯାତ୍ରୀ ମଧ୍ୟରୁ ବହୁ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରୁ ୨୦ରୁ ଅଧିକ ଜଣଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ୧୦ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ, 'ମହାଲକ୍ଷ୍ମୀ' ଓ 'ପପୁ' ନାମକ ଦୁଇଟି ବସ୍ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିଲେ। ଓଭରଟେକ୍ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। 'ମହାଲକ୍ଷ୍ମୀ' ବସ୍ ହଠାତ୍ 'ପପୁ' ବସ୍‌କୁ ଓଭରଟେକ୍ କରିବାକୁ ଯାଇ ନିୟନ୍ତ୍ରଣ ହରାଇଥିଲା। ଆହତ ଯାତ୍ରୀମାନଙ୍କ କହିବାନୁଯାୟୀ, ବସ୍ ମାଲିକମାନଙ୍କ ଟାଇମିଂ ପାଳନ କରିବା ଚାପ, ଅଧିକ ଆୟ କରିବାର ଲକ୍ଷ୍ୟ ଏବଂ ପ୍ରତିଯୋଗିତାମୂଳକ ଡ୍ରାଇଭିଂ ମନୋଭାବ ଏହି ଦୁର୍ଘଟଣାର ମୁଖ୍ୟ କାରଣ। ଘଟଣା ପରେ ସ୍ଥାନୀୟ ଲୋକ ଓ ପୁଲିସ୍ ମିଶି ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ପଠାଇଥିଲେ।

## ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ଶତାବ୍ଦୀ ସମାରୋହ

ଟାଙ୍ଗୀ, ୧୧।୪(ସମିସ)



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷାମଣ୍ଡଳ ଅଧୀନସ୍ଥ ତଥା ଜରିପଡ଼ା ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ଶତାବ୍ଦୀ ସମାରୋହ ଗୁରୁବାର ଉଦଯାପିତ ହୋଇଯାଇଛି। ୧୯୨୦ରେ ସ୍ଥାପିତ ଉକ୍ତ ବିଦ୍ୟାଳୟ ୧୦୬ ବର୍ଷ ପୂରଣ କରିଛି। ପୁରାତନ ଛାତ୍ରସଂଘ ପକ୍ଷରୁ ଆୟୋଜିତ ଉଦଯାପନ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ୍ ଡ.ରାଜକିଶୋର ପାଢ଼ୀ ମୁଖ୍ୟବକ୍ତା, ରେଡ଼କ୍ରସ ଜିଲ୍ଲା ସଂଯୋଜିକା ଡ.ସସ୍ମିତା ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଶିକ୍ଷାବିତ ଧିରେନ୍ଦ୍ର ଯେଠୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଅରୁନ୍ଧତି ମିଶ୍ର, ସରପଞ୍ଚ ସଞ୍ଜୁକ୍ତା ସେଠୀ, ସମିତିସଭ୍ୟା ମମତା ତରାଇ, ୱାର୍ଡସଭ୍ୟ ରତ୍ନାକର ବାରିକ, ଶିକ୍ଷାବିତ୍ ସୁରେନ୍ଦ୍ରନାଥ ସାମଲ, ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ବୈଷ୍ଣବ ଚରଣ ପ୍ରଧାନ, ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ସାମାଜିକ କର୍ମୀ ଅମୂଲ୍ୟ ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରସଂଘ ସମ୍ପାଦକ କ୍ଷେତ୍ରବାସୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରାଧାପକ ପ୍ରମୋଦ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଆରସିସି ଅମୀୟ ସାମଲ ଓ ପ୍ରଧାନ ଶିକ୍ଷକ ସୁବାସ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୁରାତନ ଛାତ୍ର, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମିନି ମାରାଥନ, ମଶାଲ ଶୋଭାଯାତ୍ରା ସହ ଶତାବ୍ଦୀ ସମାରୋହ ପତାକା ଉତ୍ତୋଳନ କରାଯାଇଥିଲା। ଏଥିସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ 'କଥାର ଲଥା' ପରିବେଷିତ ହୋଇଥିଲା। ଛାତ୍ର ସଂସଦ ସଭାପତି ପ୍ରଫୁଲ ଜେନା, ଉପସଭାପତି ପୁରସ୍ତମ ସ୍ୱାଇଁ ଓ ସହ ସମ୍ପାଦକ ସଞ୍ଜୟ ଜେନା ଦୁଇଦିବସୀୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

